ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. – ସେମିଳିଗୁଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ଜ୍ଞାନକୌଶଳ ପ୍ରସାରଣ କେନ୍ଦ୍ର
ସେମିଳିଗୁଡା, ପି. ବି.-୧୦, ସୁନାବେଡା, କୋରାପୁଟ, ଓଡ଼ିଶା- ୭୬୩୦୦୨

ସପ୍ତାହ କ୍ର.ସଂ.-୦୨ | **ପାଣିପାଗ ଜନିତ କୃଷି ଉପଦେଶ** | ତାରିଖ – ୧୨.୦୧.୨୦୨୪

**ଜିଲ୍ଲା- ନବରଙ୍ଗପୁର (ଇଷ୍ଟର୍ନ ଘାଟ ହାଇ ଲ୍ୟାଣ୍ଡ ଜୋନ)**

**ଆସନ୍ତା ପାଞ୍ଚ ଦିନର (୧୩.୦୧.୨୦୨୪ ଠାରୁ ୧୭.୦୧.୨୦୨୪) ପାଣିପାଗର ପୂର୍ବାନୁମାନ**

(ଏମ.ସି., ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆକାଶ ପରିଷ୍କାର ରୁ ଆଂଶିକ ମେଘୁଆ ପାଗ ରହିବ ଏବଂ ଆଗାମୀ ପାଞ୍ଚ ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନା ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା ୨୮ ରୁ ୩୦ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୧୪ ରୁ ୧୬ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି। ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୫୮ ରୁ ୮୭ ଭାଗ ଏବଂ ୨୩ ରୁ ୨୯ ଭାଗ ରହିବାର ସମ୍ଭାବନା ଅଛି।

| ତାରିଖ | ବୃଷ୍ଟିପାତ (ମି.ମି.) | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ମେଘାଛନ୍ନ | ସର୍ବାଧିକ ଆର୍ଦ୍ରତା (%) | ସର୍ବନିମ୍ନ ଆର୍ଦ୍ରତା (%) | ପବନର ବେଗ (କି.ମି./ଘଣ୍ଟା) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|
| ୧୩.୦୧.୨୦୨୪ | ୦ | ୩୦ | ୧୪ | ୦ | ୬୬ | ୨୯ | ୬ | ୨୪୮ |
| ୧୪.୦୧.୨୦୨୪ | ୦ | ୨୯ | ୧୪ | ୦ | ୫୮ | ୨୬ | ୬ | ୧୧୭ |
| ୧୫.୦୧.୨୦୨୪ | ୦ | ୨୮ | ୧୪ | ୦ | ୫୯ | ୨୩ | ୬ | ୧୫୮ |
| ୧୬.୦୧.୨୦୨୪ | ୦ | ୨୮ | ୧୫ | ୦ | ୬୭ | ୨୫ | ୬ | ୧୮୦ |
| ୧୭.୦୧.୨୦୨୪ | ୦ | ୨୮ | ୧୬ | ୩ | ୮୭ | ୨୮ | ୮ | ୨୦୭ |

**ପାଣିପାଗ ଭିତ୍ତିକ କୃଷି ଉପଦେଶ**

ସାଧାରଣ:

- ଖରିଫ ଫସଲର ଅବଶେଷ ଜଳାନ୍ତୁ ନାହିଁ । ଏହା ପରିବେଶ ପ୍ରଦୁଷଣ  କରିବା ସହିତ ଶରୀରକୁ ମଧ୍ୟ ବହୁତ କ୍ଷତି ପହଞ୍ଚାଇ ଥାଏ ।
- ମୃତ୍ତିକା ସ୍ୱାସ୍ଥ କାର୍ଡରେ ଉଲ୍ଲେଖ କରାଯାଇଥିବା ମାଟି ପରୀକ୍ଷା ଭିତ୍ତିକ ସୁପାରିଶ ଅନୁଯାୟୀ ସମସ୍ତ ଫସଲରେ ସନ୍ତୁଳିତ ସାର ପ୍ରୟୋଗ କରନ୍ତୁ ।
- ଟମାଟୋ, ବାଇଗଣ ଏବଂ କୋବି ଜାତୀୟ ଫସଲର ତଳିଘରାରେ ତାପମାତ୍ରା ଅଧିକ ରଖିବା ପାଇଁ ପଲିଥିନ ରେ ତଳିଘରାକୁ ରାତିରେ ଘୋଡାଇ ରଖନ୍ତୁ ଏବଂ ଦିନରେ ଖୋଲା ରଖନ୍ତୁ ।

ଧାନ:

- ଖରିଫ ଧାନ କାଟିବା କାମ ଜାରି ରଖନ୍ତୁ, ପ୍ରତ୍ୟେକ କିସମ ଅଲଗା କାଟନ୍ତୁ ଏବଂ ଅଲଗା ସଫା କରି ବସ୍ତାରେ ରଖନ୍ତୁ । ଧାନକୁ ଷ୍ଟୋର କରିବା ପୂର୍ବରୁ ଏହାକୁ ସଠିକ୍ ଭାବରେ ଶୁଖାଇ ନିଅନ୍ତୁ ।
- ବର୍ତ୍ତମାନ ପାଗ ଡାଲୁଅ ଧାନର ତଳି ପକାଇବା ପାଇଁ ଉପଯୁକ୍ତ । ଆଗୁରୁ ରୁଆରୋଇ କାମ ସାରିଲେ କାଣ୍ଡବିନ୍ଧା ପୋକର ଆକ୍ରମଣ କମ୍ ହେବ ତେଣୁ ଡିସେମ୍ବର ମାସ ମଧ୍ୟରେ ତଳି ପକାଇବା କାମ ପୁରା କରନ୍ତୁ ।

- ପ୍ରତି ଏକର ଜମି ରୋଇବାକୁ ୮ ଡେସିମିଲି ଅଥବା ୩୨୦ ବର୍ଗ ମିଟର ଜମି ତଳିଘେରା ପାଇଁ ଆବଶ୍ୟକ ହୋଇଥାଏ । ହୃଷ୍ଟ ପୃଷ୍ଟ ତଳି ଉତ୍ପାଦନ ପାଇଁ ୮ ଡେସିମିଲି ତଳିଘେରାରେ ୧୬୦ କି.ଗ୍ରା. ସଢା ଗୋବର ଖତ, ୩.୫ କି.ଗ୍ରା. ଡି.ଏ.ପି., ୨.୭ କି.ଗ୍ରା. ପଟାସ, ୨.୧ କି.ଗ୍ରା. ୟୁରିଆ ଏବଂ ୧୬୦ ଗ୍ରାମ୍ ଜିଙ୍କ୍ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ । ବୁଣିବା ପୂର୍ବରୁ ପ୍ରତି କିଲୋ ବିହନରେ ୩ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. କିମ୍ବା ୨ ଗ୍ରାମ୍ କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% ଡି.ଏସ୍. ମିଶାଇ ବିଶୋଧନ କରନ୍ତୁ ।

ମକା:

- ମକା ଜମିରେ ଘାସ ଦମନ ପାଇଁ ବୁଣିବାର ୨୦ ରୁ ୨୫ ଦିନ ମଧ୍ୟରେ ଏକର ପ୍ରତି ୧୧୫ ମି.ଲି. ଟେମ୍ବୋଟ୍ରିୟନି ୩୪.୪% ଏସ୍.ସି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ବୁଣିବାର ୨୦ ରୁ ୨୫ ଦିନ ପରେ ଏକର ପ୍ରତି ୩୫ କି.ଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ ।
- ମକା ଜମିରେ ଫଲ୍ ଆର୍ମି ୱର୍ମ ପୋକ ଦେଖାଦେଇପାରେ, ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରାମ୍ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସ୍.ଜି. କିମ୍ବା ୦.୪ ମି.ଲି. କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ମିଶାଇ ସିଞ୍ଚନ କରନ୍ତୁ।

ଚିନାବାଦାମ:

- ରବି ବାଦାମ ବୁନିବାର ୩ ରୁ ୪ ସପ୍ତାହର ହୋଇଗଲେ ଜମିରୁ ଘାସ ବାଛି ଦିଅନ୍ତୁ ଏବଂ ଏକର ପିଛା ୧୦୦ କି.ଗ୍ରା. ଜିପସାମ ଗଛ ମୂଳରେ ଭଲ ଭାବେ ମିଶାଇ ଜଳସେଚନ କରନ୍ତୁ ।
- ଚିନାବାଦାମ ଜମିରେ ଗଜା ଓ କାଣ୍ଡସଢ଼ା ରୋଗ ଦେଖାଦେଇପାରେ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ୍ ୮% + ମାଙ୍କୋଜେବ୍ ୬୪% ଡବ୍ଲୁ.ପି. ଅଥବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ମିଶାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ ।

ସୋରିଷ/ତୋରିଆ:

- ସୋରିଷ ପାଇଁ ଏକର ପ୍ରତି ୩୫ କି.ଗ୍ରା. ୟୁରିଆ ଓ ତୋରିଆ ପାଇଁ ୨୨ କି.ଗ୍ରା. ୟୁରିଆ ୨୧ ଦିନ ପରେ ଜମିରୁ ଘାସ ବାଛି ପ୍ରୟୋଗ କରନ୍ତୁ ।
- ଜମିରେ ଜଉ ପୋକ ଦେଖାଦେଇପାରେ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୧.୫ ମି.ଲି. ଡାଇମେଥୋଏଟ୍ ୩୦% ଇ.ସି. କିମ୍ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ମିଶାଇ ସିଞ୍ଚନ କରନ୍ତୁ ।

ବନ୍ଧାକୋବି:

- ଅଧିକ ଅମଳ ପାଇବା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ବୋରାକ୍ସ (୧୦.୫% ବୋରନ) ମିଶାଇ ରୋଇବାର ୩୦ ଓ ୫୦ ଦିନ ପରେ ସିଞ୍ଚନ କରନ୍ତୁ ।
- ବନ୍ଧାକୋବିରେ ଜଉ ପୋକ ଦେଖାଦେଇପାରେ, ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରାମ୍ ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଜି. କିମ୍ବା ୦.୨ ଗ୍ରାମ୍ ଏସିଟାମିପ୍ରିଡ୍ ୨୦% ଏସ୍.ପି. ମିଶାଇ ସିଞ୍ଚନ କରନ୍ତୁ।

ଫୁଲକୋବି:

- ଫୁଲକୋବି ଜମିରେ ଠିକିରି ପିଠିଆ ପୋକ ଦେଖାଦେଇପାରେ, ଦେଖାଗଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଏଜାଡିରକ୍ଟିନ୍ ୫% ଡବ୍ଲୁ/ଡବ୍ଲୁ କିମ୍ବା ୦.୪ ଗ୍ରାମ୍ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସ୍.ଜି. ମିଶାଇ ସିଞ୍ଚନ କରନ୍ତୁ ।
- ଅଧିକ ଅମଳ ପାଇବା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ବୋରାକ୍ସ (୧୦.୫% ବୋରନ) ମିଶାଇ ରୋଇବାର ୩୦ ଓ ୫୦ ଦିନ ପରେ ସିଞ୍ଚନ କରନ୍ତୁ ।

ବାଇଗଣ:

- ବାଇଗଣ ରୋଇବାର ୪୦ ଦିନ ପରେ ଏକର ପ୍ରତି ୪୩ କି.ଗ୍ରା. ୟୁରିଆ ଏବଂ ୨୦ କି.ଗ୍ରା. ପଟାସ୍ ସାର ଦେଇ ହୁଡ଼ା ଟେକି ଦିଅନ୍ତୁ ଏବଂ ଜଳସେଚନ କରନ୍ତୁ ।

- ବାଇଗଣ ଫସଲରେ କାଣ୍ଡ ଓ ଫଳ ବିନ୍ଧା ପୋକ ଦେଖାଦେଇପାରେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୩ ମି.ଲି. ଏଜାଡିରକ୍ଟିନ୍ ୧% ଇ.ସି. କିମ୍ବା ୦.୪ ଗ୍ରାମ୍ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସ୍.ଜି. ମିଶାଇ ସିଞ୍ଚନ କରନ୍ତୁ ।

ଟମାଟୋ:

- ଟମାଟୋ ଜମିରେ ସଅଳ ପତ୍ର ପୋଡ଼ା ରୋଗ ଦେଖାଦେଇପାରେ, ଦେଖାଗଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୧ ମି.ଲି. ଆଜୋକ୍ସିଷ୍ଟ୍ରୋବିନ୍ ୧୮.୨% + ଡାଇଫେନୋକୋନାଜୋଲ୍ ୧୧.୪% ଏସ୍.ସି. କିମ୍ବା ୨.୫ ଗ୍ରାମ୍ କ୍ୟାପଟନ୍ ୫୦% ଡବ୍ଲୁ.ପି. ମିଶାଇ ସିଞ୍ଚନ କରନ୍ତୁ ।

ବିଶେଷ ଦ୍ରଷ୍ଟବ୍ୟ:ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତ୍ତୀ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ରାଜ୍ୟର କୃଷି ଅଧିକାରୀ/ଉଦ୍ୟାନକୃଷି ଅଧିକାରୀ ସହିତ ସମ୍ପର୍କ କରନ୍ତୁ।

---

ଡଃ.ପର୍ଶୁରାମ ଶିଅଳ
(ନୋଡାଲ୍ ଅଫିସର, ଜି.କେ.ଏମ୍.ଏସ୍.,ସେମିଳିଗୁଡା)